# NATIONAL NEWS BULLETIN (ODIA)

## 1 August 2026

### Morning Bulletin : 7.15 A.M.

*********************************

## ମୁଖ୍ୟ ସମ୍ବାଦ

- ରାଷ୍ଟ୍ର ନିର୍ମାଣ ଏବଂ ଦେଶର ହିତ ପାଇଁ ଯୁବପିଢ଼ିକୁ ସଠିକ୍ ରାସ୍ତା ଦେଖାଇବାର ଆବଶ୍ୟକତା ଉପରେ ପ୍ରଧାନମନ୍ତ୍ରୀଙ୍କ ଗୁରୁତ୍ୱାରୋପ
- ଆନ୍ଧ୍ରପ୍ରଦେଶ ଓ କର୍ଣ୍ଣାଟକ ଗସ୍ତରେ ଯାଇ ଆଜି ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କରିବେ ପ୍ରଧାନମନ୍ତ୍ରୀ
- ଅନ୍ୟ ଦେଶର ନାଗରିକଙ୍କ ପାଇଁ ଭିସା ବଣ୍ଡ୍ ଯୋଜନାକୁ ସ୍ଥାୟୀ ଭାବେ ଲାଗୁ କଲା ଆମେରିକା
- ପ୍ରଧାନମନ୍ତ୍ରୀଙ୍କ ଫେସ୍‌ବୁକ୍ ପୋଷ୍ଟ ଉପରେ ପ୍ରତିବନ୍ଧକ ଜାରି ଘଟଣାରେ ସଂସଦୀୟ କମିଟି ଆଗରେ ହାଜର ହେବାକୁ ମେଟା ଟିମ୍‌କୁ ନିର୍ଦ୍ଦେଶ

ଏବଂ

- ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ଜୁଡୋରେ ୨ଟି ସ୍ୱର୍ଣ୍ଣ ପଦକ ହାସଲ କରି ଇତିହାସ ସୃଷ୍ଟିକଲା ଭାରତ

# ପିଏମ୍ : ମେସେଜ୍-ୟୁଥ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି, ଅପଶବ୍ଦ ପ୍ରୟୋଗ କରିବା ଏବଂ ଘୃଣାଭାବ ପୋଷଣ କରିବା ଦ୍ୱାରା କୌଣସି ସମସ୍ୟାର ସମାଧାନ ହୁଏନାହିଁ । ଶ୍ରୀ ମୋଦୀ ପଥଭ୍ରଷ୍ଟ ହୋଇଥିବା ଯୁବପିଢ଼ି ପ୍ରତି ସହାନୁଭୂତି ପ୍ରଦର୍ଶନ ଲାଗି ଆହ୍ୱାନ ଦେଇ କହିଛନ୍ତି, ରାଷ୍ଟ୍ର ନିର୍ମାଣ ଏବଂ ଦେଶର ହିତକୁ ଧ୍ୟାନ ଦେଇ ସେମାନଙ୍କୁ ଦଣ୍ଡବିଧାନ କରିବା ପରିବର୍ତ୍ତେ ସଠିକ୍ ରାସ୍ତା ଦେଖାଇବା ଆବଶ୍ୟକ ।

ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଏକ ଭିଡ଼ିଓ ବାର୍ତ୍ତାରେ ପ୍ରଧାନମନ୍ତ୍ରୀ ରାଜଧାନୀର ଯନ୍ତରମନ୍ତରରେ କିଛିଦିନ ପୂର୍ବେ ଘଟିଥିବା ଘଟଣା ବିଷୟରେ କହିଛନ୍ତି, ସେଠାରେ ତାଙ୍କ ପ୍ରତି ଏବଂ ତାଙ୍କ ସ୍ୱର୍ଗତା ମାଆଙ୍କ ପ୍ରତି ଅପଶବ୍ଦ ପ୍ରୟୋଗ କରାଯାଇଥିଲା । ସେ କହିଛନ୍ତି ଏହି ଘଟଣାକୁ ଦେଶ ଏବଂ ବିଶ୍ୱ ଦେଖିଲା । ଆଜିର ସମାଜରେ ଏପ୍ରକାରର ବ୍ୟବହାର ଏବଂ ଆକ୍ରୋଶମୂଳକ ମନୋଭାବ ଓ ନିରାଶାଭାବ ସ୍ୱାଭାବିକ, କିନ୍ତୁ ପିଲାବେଳେ ଶିଖିବା, ଭୁଲ୍ କରିବା ଏବଂ ସେଥିରେ ସୁଧାର ଆଣିବା ମଧ୍ୟ ଆବଶ୍ୟକ ବୋଲି ଶ୍ରୀ ମୋଦୀ କହିଛନ୍ତି ।

ଶ୍ରୀ ମୋଦୀ କହିଛନ୍ତି, ସେଭଳି ଯୁବକମାନଙ୍କୁ ଅଦାଲତକୁ ଟାଣିବା କିମ୍ବା ସାମାଜିକ ଉତ୍ପୀଡ଼ନର ଶିକାର କରାଇବା ପରିବର୍ତ୍ତେ ସମାଜ ସେମାନଙ୍କୁ ଆପଣାଇବା ଉଚିତ ଓ ସଠିକ୍ ରାସ୍ତା ଦେଖାଇବା ଆବଶ୍ୟକ ।

ପ୍ରଧାନମନ୍ତ୍ରୀ କହିଛନ୍ତି, ଏଭଳି କାର୍ଯ୍ୟରେ ସାମିଲ ଥିବା ପିଲାମାନଙ୍କୁ ସେ କ୍ଷମା ଦେବାକୁ ଚାହୁଁଛନ୍ତି ଏବଂ ଅନ୍ୟମାନଙ୍କୁ ମଧ୍ୟ ସହାନୁଭୂତିପୂର୍ଣ୍ଣ ଭାବନା ଆପଣାଇବାକୁ ଆହ୍ୱାନ ଦେଇଛନ୍ତି । ଦଣ୍ଡ ବଦଳରେ ଉଚିତ ମାର୍ଗଦର୍ଶନର ଗୁରୁତ୍ୱ ଉପରେ ଜୋର ଦେଇ ପ୍ରଧାନମନ୍ତ୍ରୀ କହିଛନ୍ତି, ଯୁବ ବୟସରେ ପଥଭ୍ରଷ୍ଟ ହେବା ସ୍ୱାଭାବିକ । ତେବେ ସେମାନଙ୍କୁ ସମର୍ଥନ କରି ସକାରାତ୍ମକ ଦିଗରେ ଆଗକୁ ନେବା ପ୍ରତ୍ୟେକ ଦାୟିତ୍ୱବାନ ନାଗରିକର କର୍ତ୍ତବ୍ୟ ।

**V/O (PM (Youth Message)**

## ପିଏମ୍-ଭିଜିଟ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି  ଆନ୍ଧ୍ରପ୍ରଦେଶ ଓ କର୍ଣ୍ଣାଟକକୁ ଦିନିକିଆ ଗସ୍ତରେ ଯିବେ । ପ୍ରଥମେ ଆନ୍ଧ୍ରପ୍ରଦେଶ ଗସ୍ତ କରି ବିଜୟନଗରମ୍ ଜିଲ୍ଲାର ଭୋଗପୁରମ୍ଠାରେ ପ୍ରଧାନମନ୍ତ୍ରୀ ୧୮ ହଜାର କୋଟି ଟଙ୍କାର  ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ ଓ ଉଦ୍‌ଘାଟନ କରିବାର କାର୍ଯ୍ୟକ୍ରମ ରହିଛି । ଭୋଗପୁରମଠାରେ ଆଲୁରି ସୀତାରାମ ରାଜୁ

ଆନ୍ତର୍ଜାତିକ ବିମାନବନ୍ଦରର ପ୍ରଧାନମନ୍ତ୍ରୀ ଉଦ୍‌ଘାଟନ କରିବେ । ଏହି ବିମାନବନ୍ଦର ୫ହଜାର ୬୦୦ କୋଟି ଟଙ୍କା ବ୍ୟୟରେ ସରକାରୀ ଘରୋଇ ଭାଗିଦାରିତାରେ ନିର୍ମାଣ କରାଯାଇଛି । ଏହି ବିମାନ ବନ୍ଦର ରାଜ୍ୟରେ ପର୍ଯ୍ୟଟନ, ବାଣିଜ୍ୟ, ପୁଞ୍ଜି ନିବେଶ  ସହ ନିଯୁକ୍ତି ସୃଷ୍ଟି କରିବ ବୋଲି ଜଣାପଡ଼ିଛି । ପରେ  ଶ୍ରୀ ମୋଦୀ ବିଶାଖାପାଟନମରେ  ୪୬୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ଏଏସ୍‌ଆଇପି ସେମି କଣ୍ଡକ୍ଟର ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିବେ । ଏହା ଆନ୍ଧ୍ରପ୍ରଦେଶର ପ୍ରଥମ ସେମିକଣ୍ଡକ୍ଟର ନିର୍ମାଣ କେନ୍ଦ୍ର ହେବ । ବାର୍ଷିକ ଏହି କେନ୍ଦ୍ରରୁ ୯୬ ମିଲିୟନ ସେମି କଣ୍ଡକ୍ଟର ଚିପ୍ ଉତ୍ପାଦନ କରାଯିବ ବୋଲି ଜଣାପଡିଛି । ପ୍ରଧାନମନ୍ତ୍ରୀ ୫ ହଜାର ୫୦୦ କୋଟି ଟଙ୍କା ସମ୍ବଳିତ ନବୀକରଣୀୟ ଶକ୍ତି ଜୋନ୍‌ର ପ୍ରଥମ ପର୍ଯ୍ୟାୟର ଟ୍ରାନ୍ସମିସନ୍ ବ୍ୟବସ୍ଥାର ଭିତ୍ତିପ୍ରସ୍ତର ସ୍ଥାପନ କରିବେ ।

ଏହି ଅବସରରେ ୧ ହଜାର ୮୮୦ କୋଟି ଟଙ୍କାର ଜାତୀୟ ରାଜପଥ ପ୍ରକଳ୍ପର ମଧ୍ୟ ଶ୍ରୀ ମୋଦୀ ଭିତ୍ତିପ୍ରସ୍ତର ସ୍ଥାପନ କରିବେ ।

ଆନ୍ଧ୍ରପ୍ରଦେଶ ଗସ୍ତ ଶେଷ କରି ପ୍ରଧାନମନ୍ତ୍ରୀ କର୍ଣ୍ଣାଟକରେ ପହଞ୍ଚିବା ପରେ ସେଠାରେ ମହୀସୁରରେ ସ୍ୱାମୀ ବିବେକାନନ୍ଦ ସାଂସ୍କୃତିକ ଯୁବକେନ୍ଦ୍ର-ବିବେକ ସ୍ମାରକର ଉଦ୍‌ଘାଟନ କରିବେ । ସେଠାରେ ଏକ ଜନସଭାକୁ ଶ୍ରୀ ମୋଦୀ ଉଦ୍‌ବୋଧନ ଦେବାର କାର୍ଯ୍ୟକ୍ରମ ରହିଛି ।

## ଇଣ୍ଡିଆ- ବ୍ରିକ୍ସ ସମ୍ମିଳନୀ

ଚଳିତବର୍ଷ ବ୍ରିକ୍ସର ଅଧ୍ୟକ୍ଷତା କରୁଥିବା ଭାରତ ଆସନ୍ତା ସେପ୍ଟେମ୍ବର ୧୨ ଓ ୧୩ ତାରିଖରେ ନୂଆଦିଲ୍ଲୀରେ ହେବାକୁ ଥିବା ଅଷ୍ଟାଦଶ ବ୍ରିକ୍ସ ସମ୍ମିଳନୀରେ ଯୋଗଦେବା ଲାଗି ରୁଷ୍‌କୁ ନିମନ୍ତ୍ରଣ କରିଛି । ରୁଷ୍ ସମ୍ବାଦ ସରବରାହ ସଂସ୍ଥା ପକ୍ଷରୁ ଏହି ସୂଚନା ଦିଆଯାଇଛି । ବ୍ରିକ୍ସ ସମ୍ମିଳନୀ ସଂପର୍କରେ ସୂଚନା ଦେବା ଅବସରରେ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟର ମୁଖପାତ୍ର ରଣଧୀର ଜୟସ୍ୱାଲ କହିଛନ୍ତି, ଭାରତ ଚଳିତବର୍ଷ ବ୍ରିକ୍ସ ସମ୍ମିଳନୀ ଆୟୋଜନ କରୁଥିବାରୁ ପ୍ରସ୍ତୁତି କାର୍ଯ୍ୟ ପୂର୍ଣ୍ଣ ଗତିରେ ଆଗେଇ ଚାଲିଛି । ଗତ ବୁଧବାର ଦିନ ବାଂଲାଦେଶର ବୈଦେଶିକ ମନ୍ତ୍ରଣାଳୟ ପକ୍ଷରୁ ସେଠାକାର ପ୍ରଧାନମନ୍ତ୍ରୀ ତାରିକ୍ ରହମନ୍‌ଙ୍କୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବ୍ରିକ୍ସ ସମ୍ମିଳନୀରେ ଯୋଗଦେବା ଲାଗି ନିମନ୍ତ୍ରଣ କରିଥିବା ବିଷୟ ପ୍ରକାଶ କରିଥିଲା ।

## ୟୁଏସ୍ ଭିସା ବଣ୍ଡ୍

ଆମେରିକା କେତେକ ଦେଶର ନାଗରିକଙ୍କ ଲାଗି ଭିସା ବଣ୍ଡ୍ ଯୋଜନାକୁ ସ୍ଥାୟୀ ଭାବେ ଲାଗୁ କରିବା ଲାଗି ନିଷ୍ପତ୍ତି ନେଇଛି । ଆଫ୍ରିକା ସମେତ ୫୦ଟି ଦେଶର ନାଗରିକଙ୍କୁ ଆମେରିକୀୟ ଭିସା ଲାଗି ଆବେଦନ କରିବା ସମୟରେ ସିକ୍ୟୁରିଟି ଡିପୋଜିଟ୍ ଜମା କରିବାକୁ ପଡ଼ିବ । ଆମେରିକାର ବୈଦେଶିକ ବିଭାଗ ଏହି ସିକ୍ୟୁରିଟି ଡିପୋଜିଟ୍ ପରିମାଣ ୧୫ ହଜାରରୁ

୨୦ ହଜାର ଡଲାରକୁ ବୃଦ୍ଧି କରିଛି । ବିଭାଗ ପକ୍ଷରୁ କୁହାଯାଇଛି, ଏହି ଯୋଜନାରେ ଭିସା ନିୟମ ଅନୁପାଳନ ସୁନିଶ୍ଚିତ ହୋଇପାରିବ । ଆସନ୍ତା ସୋମବାରଠାରୁ ଏହି ବ୍ୟବସ୍ଥା ଲାଗୁ ହେବାକୁ ଯାଉଥିବା ବେଳେ ଭବିଷ୍ୟତରେ ଅନ୍ୟ ଦେଶଗୁଡ଼ିକୁ ମଧ୍ୟ ଏଥିରେ ସାମିଲ କରାଯିବ ।

# ଗଭ୍ ମେଟା ସମନ

କେନ୍ଦ୍ର ସରକାର' ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଫେସ୍‌ବୁକ୍ ପୋଷ୍ଟ ଉପରେ ପ୍ରତିବନ୍ଧକ ଜାରି କରିବା ଘଟଣା ନେଇ ସାମାଜିକ ଗଣମାଧ୍ୟମ କମ୍ପାନୀ 'ମେଟା'ର ବିଶ୍ୱସ୍ତରୀୟ ଟିମ୍‌କୁ ସଂସଦୀୟ କମିଟି ଆଗରେ ହାଜର ହେବା ଲାଗି ସମନ ଜାରି କରିଛନ୍ତି । ସଂପୃକ୍ତ ଟିମ୍‌କୁ ଫେସ୍‌ବୁକ୍ ପୋଷ୍ଟ କ୍ଷେତ୍ରରେ କେଉଁ ଆଲ୍‌ଗୋରିଦମ୍ ବ୍ୟବହାର କରାଯାଉଛି ଏବଂ ସାର୍ବଜନୀନ ବ୍ୟବସ୍ଥାରେ ଏହାର କ'ଣ ଭୂମିକା ରହିଛି, ସେ ସଂପର୍କରେ ପ୍ରଶ୍ନ ପଚରାଯିବ । ସୂଚନା ଅନୁଯାୟୀ, ମେଟାର ବିଶ୍ୱସ୍ତରୀୟ ଟିମ୍‌କୁ ଆସନ୍ତା ସପ୍ତାହରେ ପଚରା ଉଚରା କରାଯିବାର ସମ୍ଭାବନା ରହିଛି । ସଂପୃକ୍ତ ଟିମ୍‌କୁ ଆଲ୍‌ଗୋରିଦିମ୍‌ର ବ୍ୟବହାର ଏବଂ ଏହାର ଭୂମିକା ସଂପର୍କରେ ସ୍ୱଷ୍ଟୀକରଣ ଦେବାକୁ ହେବ । ଏହା ପୂର୍ବରୁ ଚଳିତ ସପ୍ତାହ ପ୍ରାରମ୍ଭରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଯୁବପିଢ଼ିକୁ ସମ୍ବୋଧନ କରିବା ଏବଂ ପ୍ରଶ୍ନପତ୍ର ପ୍ରଘଟ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନେଇ ହୋଇଥିବା ଏକ ପୋଷ୍ଟକୁ କିଛିସମୟ ଲାଗି ପ୍ରତିବନ୍ଧିତ କରିଥିବା ଘଟଣାରେ ଜଣେ ଉଚ୍ଚସ୍ତରୀୟ ଅଧିକାରୀ ମେଟାକୁ ସମନ କରିଥିଲେ ।

ତେବେ ଏହାକୁ ବୈଷୟିକ ତ୍ରୁଟି ଦର୍ଶାଇ ମେଟା ଅଧିକାରୀ କ୍ଷମା ପ୍ରାର୍ଥନା କରିଥିଲେ । ତେବେ କେନ୍ଦ୍ର ଇଲେକ୍‌ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ବିଦ୍ୟା ମନ୍ତ୍ରଣାଳୟ ଏହି କାରଣ ଯଥେଷ୍ଟ ନୁହେଁ ବୋଲି ଦର୍ଶାଇବା ସହିତ ସଂସଦୀୟ କମିଟି ଆଗରେ ହାଜର ହେବା ଲାଗି ସମନ ଜାରି କରିଥିଲେ ।

## ଜୟଶଙ୍କର-ଇରାନ

ବୈଦେଶିକ ମନ୍ତ୍ରୀ ଡକ୍ଟର ଏସ୍.ଜୟଶଙ୍କର ଇରାନର ବୈଦେଶିକ ମନ୍ତ୍ରୀ ଆବାସ ଆରାଗାଛିଙ୍କ ସହ ପଶ୍ଚିମ ଏସିଆରେ ଜାରି ରହିଥିବା ଉତ୍ତେଜନାମୂଳକ ପରିସ୍ଥିତି ନେଇ ଫୋନ୍ ଯୋଗେ ବାର୍ତ୍ତାଳାପ କରିଛନ୍ତି । ଡକ୍ଟର ଜୟଶଙ୍କର କୌଣସି ପରିସ୍ଥିତିରେ ବାଣିଜ୍ୟିକ ଜାହାଜ ଏବଂ ନାବିକମାନଙ୍କ ଉପରେ ଆକ୍ରମଣ ନ କରିବା ଲାଗି ଇରାନର ବୈଦେଶିକ ମନ୍ତ୍ରୀଙ୍କୁ ପରାମର୍ଶ ଦେଇଛନ୍ତି । ସେ କହିଛନ୍ତି, ଭାରତ କୌଣସି ପକ୍ଷ ଦ୍ୱାରା ଯେକୌଣସି ପ୍ରକାରର ଆକ୍ରମଣକୁ ନିନ୍ଦା କରୁଛି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଭାରତ ସବୁବେଳେ କୂଟନୈତିକ ଆଲୋଚନା ମାଧ୍ୟମରେ ସୃଷ୍ଟ ପରିସ୍ଥିତିର ସମାଧାନ ଲାଗି ସମର୍ଥନ କରିଆସୁଥିବା କହିଛନ୍ତି ।

## କ୍ୟାବିନେଟ୍-ଖେଲୋ ଇଣ୍ଡିଆ

କେନ୍ଦ୍ର କ୍ୟାବିନେଟ୍ ଖେଲୋ ଇଣ୍ଡିଆ ଯୋଜନା ଏବଂ ରାଷ୍ଟ୍ରୀୟ କ୍ରୀଡ଼ା ସଂଘକୁ ସହାୟତା ଯୋଜନା ଅବଧିକୁ ୨୦୩୦-୩୧ ପର୍ଯ୍ୟନ୍ତ ବୃଦ୍ଧି

କରିଛି । ଏଥିଲାଗି ୩୬ ହଜାର ୪୪୧ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି । ଗତକାଲି ନୂଆଦିଲ୍ଲୀରେ ଗଣମାଧ୍ୟମକୁ ସମ୍ବୋଧନ କରି ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି, ଏହି ନିଷ୍ପତ୍ତି ରାଷ୍ଟ୍ର ନିର୍ମାଣ କ୍ଷେତ୍ରରେ ଯୁବପିଢ଼ିର ବିକାଶକୁ ସରକାର ପ୍ରାଧାନ୍ୟ ଦେଉଥିବା ସ୍ପଷ୍ଟ କରୁଛି । ସେ କହିଛନ୍ତି, ଏହା ଦ୍ୱାରା ଯୁବପିଢ଼ିକୁ ଅନେକଗୁଡ଼ିଏ ସୁଯୋଗ ମିଳିପାରିବ ।

## ଟ୍ରମ୍ପ-ଇରାନ

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଚଳିତ ସପ୍ତାହ ଶେଷ ସୁଦ୍ଧା ଇରାନ ଉପରେ ପୁଣି ଆକ୍ରମଣ କରିବା ଲାଗି ସେନାକୁ ପ୍ରସ୍ତୁତ ରହିବା ନିମନ୍ତେ ନିର୍ଦ୍ଦେଶ ଦେଇଛନ୍ତି । ଆମେରିକା ଗଣମାଧ୍ୟମର ସୂଚନା ଅନୁଯାୟୀ, ଏହି ଆକ୍ରମଣର ଉଦ୍ଦେଶ୍ୟ ହେଉଛି ତେହେରାନ୍‌କୁ ଆତ୍ମସମର୍ପଣ ଲାଗି ଚାପ ପ୍ରୟୋଗ କରିବା । ଇରାନ ସହିତ କୂଟନୈତିକ ଆଲୋଚନାର ଭବିଷ୍ୟତ ସଂପର୍କରେ ରାଷ୍ଟ୍ରପତି ଟ୍ରମ୍ପଙ୍କୁ ପଚରାଯିବା ଏବଂ ଜୋର୍ଡାନ୍‌ରେ ଆମେରିକୀୟ ସୈନ୍ୟ ପ୍ରତିଷ୍ଠାନ ଉପରେ ଆକ୍ରମଣ ଘଟଣା ପରେ ଏହି ଆକ୍ରମଣ ଲାଗି ଆମେରିକା ପ୍ରସ୍ତୁତ ହେଉଥିବା ଜଣାପଡ଼ିଛି । ସୂଚନା ମୁତାବକ, ଆମେରିକା’ ଇରାନର ଶକ୍ତିକେନ୍ଦ୍ର ଏବଂ ତୈଳ ବିଶୋଧନାଗାର ଗୁଡ଼ିକ ଉପରେ ଆକ୍ରମଣ କରିବ ।

ଚଳିତବର୍ଷ ଫେବୃୟାରୀ ୨୮ରୁ ଆରମ୍ଭ ହୋଇଥିବା ଉତ୍ତେଜନାମୂଳକ ପରିସ୍ଥିତି ସମାଧାନ ପରିବର୍ତ୍ତେ ଅଧିକ ଆକ୍ରମଣାତ୍ମକ ହେଉଛି । ଇତିମଧ୍ୟରେ ଇରାନ ହର୍ମୁଜ ପ୍ରଣାଳୀକୁ ବନ୍ଦ ରଖିବା ସହ ଅଶୋଧିତ ତୈଳ, ପ୍ରାକୃତିକ ଗ୍ୟାସ ଓ ସାର ପରିବହନକୁ ବନ୍ଦ ରଖିଛି ।

## ପିଏମ୍-ୟୁକେ ପିଏମ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ’ ବ୍ରିଟେନ୍ ପ୍ରଧାନମନ୍ତ୍ରୀ ଆଣ୍ଡି ବର୍ଣ୍ଣହାମ୍‌ଙ୍କ ସହ କଥାବାର୍ତ୍ତା କରିବା ଅବସରରେ ନୂଆ ଦାୟିତ୍ୱ ଗ୍ରହଣ କରିଥିବାରୁ ଶୁଭେଚ୍ଛା ଜଣାଇଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ମୋଦୀ କହିଛନ୍ତି, ଉଭୟ ନେତା ପ୍ରଯୁକ୍ତିବିଦ୍ୟା, ନବସୃଜନ, ପ୍ରତିରକ୍ଷା, ସୁରକ୍ଷା, ସ୍ୱଚ୍ଛ ଶକ୍ତି, ଶିକ୍ଷା ଆଦି କ୍ଷେତ୍ରରେ ମିଳିତ ଭାବେ କାମ କରିବା ଲାଗି ପ୍ରତିବଦ୍ଧତା ପ୍ରକାଶ କରିଛନ୍ତି । ଶ୍ରୀ ମୋଦୀ କହିଛନ୍ତି, ଉଭୟ ଦେଶ କିଛିଦିନ ପୂର୍ବେ ଲାଗୁ ହୋଇଥିବା ଭାରତ-ବ୍ରିଟେନ୍ ବ୍ୟାପକ ଆର୍ଥିକ ତଥା ବାଣିଜ୍ୟ ବୁଝାମଣା ଦ୍ୱାରା ପ୍ରସ୍ତୁତ ବ୍ୟବସାୟ ଏବଂ ନିବେଶ ସୁଯୋଗର ପୂର୍ଣ୍ଣ ବ୍ୟବହାର ଲାଗି ମିଳିତ ଭାବେ କାର୍ଯ୍ୟ କରିବେ । ଏହା ଦ୍ୱାରା ଉଭୟ ଦେଶର ଜନସାଧାରଣ ବିକାଶପଥରେ ଅଗ୍ରସର ହୋଇପାରିବେ ବୋଲି କୁହାଯାଇଛି । ପ୍ରଧାନମନ୍ତ୍ରୀ ବ୍ରିଟେନ୍ ପ୍ରଧାନମନ୍ତ୍ରୀଙ୍କୁ ତାଙ୍କ ସଫଳ କାର୍ଯ୍ୟକାଳ ନିମନ୍ତେ ଶୁଭକାମନା ଜ୍ଞାପନ କରିଛନ୍ତି ।

## ସିଡବ୍ଲୁଜି

ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ଭାରତ ପ୍ରଥମଥର ଲାଗି ଜୁଡୋରେ ଦୁଇଟି ସ୍ୱର୍ଣ୍ଣ ପଦକ ହାସଲ କରି ଇତିହାସ ସୃଷ୍ଟି କରିଛି । ବକ୍ସିଂରେ ଭାରତର ୧୦ଜଣ ପ୍ରତିଯୋଗୀ ଫାଇନାଲ୍‌ରେ ଖେଳିବା ଲାଗି ମଧ୍ୟ ଯୋଗ୍ୟତା ଅର୍ଜନ କରିଛନ୍ତି । ୧୨୮ଟି ପଦକ ସହିତ ଅଷ୍ଟ୍ରେଲିଆ ତାଲିକାର ପ୍ରଥମ ସ୍ଥାନରେ ଥିବା ବେଳେ ଭାରତ ୨୩ଟି ପଦକ ସହ ଦଶମ ସ୍ଥାନରେ ରହିଛି । ୫ଟି ସ୍ୱର୍ଣ୍ଣ, ୧୨ଟି ରୌପ୍ୟ ଏବଂ ୬ଟି କାଂସ୍ୟପଦକ ଜିତିବାରେ ଭାରତୀୟ କ୍ରୀଡ଼ାବିତ୍‌ମାନେ ସଫଳ ହୋଇଛନ୍ତି ।  ଜୁଡୋରେ ଅସ୍ମିତା ଦେ ଏବଂ ହର୍ଷ ସିଂ ସ୍ୱର୍ଣ୍ଣ ପଦକ ହାସଲ କରିଥିବା ପ୍ରଥମ ଭାରତୀୟ କ୍ରୀଡ଼ାବିତ୍ ପାଲଟିଛନ୍ତି । ଏଥିରେ ଯାମିନୀ ମୌର୍ଯ୍ୟ ରୌପ୍ୟ ପଦକ ଜିତିଛନ୍ତି । ଆଥ୍‌ଲେଟିକ୍ସରେ ନିରଜ ଚୋପ୍ରା ପୁରୁଷ ଜାଭେଲିନ୍ ଥ୍ରୋ ରେ ରୌପ୍ୟ ପଦକ ଜିତିଥିବା ବେଳେ ଯଶବୀର ସିଂ କାଂସ୍ୟ ପଦକ ହାସଲ କରିଛନ୍ତି । ପ୍ରଥମ ଭାରତୀୟ କ୍ରୀଡ଼ାବିତ୍ ଭାବେ ଡେକାଥଲନ୍‌ରେ ତେଜସ୍ୱିନୀ ଶଙ୍କର କାଂସ୍ୟ ପଦକ ଜିତିଛନ୍ତି । ବକ୍ସିଂରେ ଅରୁନ୍ଧତୀ ଚୌଧୁରୀ, ଯଶ୍ମିନୀ ଲାମ୍ବୋରିଆ ଏବଂ ଲଭଲିନା ବୋରଗୋହେନଙ୍କ ସମେତ ୧୦ ଭାରତୀୟ ବକ୍ସର ନିଜ ନିଜ ବର୍ଗରେ ଫାଇନାଲ୍‌ରେ ଖେଳିବା ଲାଗି ଯୋଗ୍ୟତା ଅର୍ଜନ କରିଛନ୍ତି । ଲନ୍ ବଲ୍‌ସ ପୁରୁଷ ବର୍ଗରେ ଚତୁର୍ଥ ଥର ପାଇଁ ଭାରତୀୟ ଟିମ୍ ବିଜୟ ହାସଲ କରିଛି ।